# Akashvani, Sambalpur

## SAMBALPURI NEWS BULLETIN

### 2 June 2025- 6.47- 6.52 am.

***********************************************

ଶୀତଲ୍‌ଷଷ୍ଠୀ          ସମ୍ବଲପୁର୍ ସମ୍ବାଦଦାତା

ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ସମ୍ବଲ୍‌ପୁର୍ ସହର୍ ଗଜଗଜଉଛେ । ଲୋକାଚାର୍‌ଥି ବିହାଘର୍ ଉତ୍‌ରୁ ସମ୍ବଲପୁର୍ ସହରେ ଗଲାକାଏଲ୍ ଅଧାରାତି ନୁ ଦେବ ଦେବ ମହାଦେବ ଆର୍ ଦେବୀ ପାର୍ବତୀ- ପାର୍ଶ୍ୱଦେବାଦେବୀଙ୍କର୍ ସହେତେ ଶୀତଲ୍‌ଷଷ୍ଠୀ ଯାତ୍ରା ଆର୍ ନଗର୍ ପରିକ୍ରମାଥି ବାହାରିଛନ୍ । ଦେବଦମ୍ପତି ଶୋଭାଯାତ୍ରାଥି ବାହାରିବାର୍ ଆଘୋନୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ପଂଚାୟତିରାଜ୍‌ମନ୍ତ୍ରୀ ରବିନାରାୟଣ୍ ନାଏକ୍, ବିଧାୟକ୍ ଜୟନାରାୟଣ୍ ମିଶ୍ର ପ୍ରମୁଖ ମହାଆଲ୍‌ତୀ କରିଥିଲେ ।

ସୁନ୍ଦର୍ ଶୈଲୀଥି ସଜାଯାଇଥିବା ମେଢ଼ ମାନ୍‌କେ ରୂପା, ସୁନାର୍ ଅଲଙ୍କାର୍ ପିନ୍ଧିଥିବା ଦେବଦମ୍ପତିଙ୍କର୍ ଦର୍ଶନ୍ କର୍‌ବାର୍ ଲାଗି ସମ୍ବଲ୍‌ପୁର୍ ସହରେ ବହୁତ୍‌ଟେ ଭକ୍ତଙ୍କର୍ ସମାଗମ ହେଇଛେ । ଆଏଜ୍ ସଖାଲେ ବାଟ୍ ରହଣୀ ଆର୍ ପାରମ୍ପାରିକ୍ ପୂଜା ଉତ୍‌ରୁ ଆଉ କିଛି ସମିଆ ଗଲେ ଫେର୍ ନଗର୍ ପରିକ୍ରମା ଚାଲ୍‌ବା । ନନ୍ଦପଡ଼ାର୍ ବମ୍ବରାଡ଼ ବାଲୁଙ୍କେଶ୍ୱର୍ ବାବା, ଝାଡୁଆପଡ଼ାର୍ ଲୋକନାଥ ବାବା, ମୁଦିପଡ଼ାର୍

ଜାଗେଶ୍ୱର୍ ବାବା, ବଡ଼ବଜାରର୍ ଶୀତଲେଶ୍ୱର୍ ବାବା, ଠାକୁରପଡ଼ାର୍ ଗୁପ୍ତେଶ୍ୱର୍ ବାବା, ବୁଢ଼ାରଜାର କୋଶଲେଶ୍ୱର ବାବା, ବାଲିବନ୍ଧାର୍ ସୋମ୍‌ନାଥ୍, ମ୍ୟୁନିସିପାଲ୍‌ଟି ଛକ୍‌ର ଗୁପ୍ତେଶ୍ୱର୍ ମହାଦେବ୍ ବାବା, ଫାଟକ୍‌ର ମହାକାଳେଶ୍ୱର୍ ବାବା- ଜଗତ୍‌ଜନନୀ ମାତା ପାର୍ବତୀଙ୍କର୍ ସାଙ୍ଗେ ସୁସଜ୍ଜିତ ରଥଥି ନଗର ପରିକ୍ରମାଥି ବାହାରିଛନ୍ ।

ଇ ନଗର୍ ପରିକ୍ରମା ଯାତ୍ରାଥି ପାରମ୍ପରିକ୍ ଦୁଲ୍‌ଦୁଲି, ମେଲୋଡ଼ି, ଲୋକ୍‌ନାଚ୍ ଗୀତ ସହେତେ ଭିନ୍ ଭିନ୍ ରାଜ୍ୟର୍ ସାଂସ୍କୃତିକ୍ ଦଲ୍‌ମାନେ ଆସିକରି କଲାସଂସ୍କୃତିର୍ ମହାକୁମ୍ଭଥି ସାମିଲ୍ ହେଇଛନ୍ ।

ପାଗ୍ ଟିକେ ବଦ୍‌ଲିଥିବାର୍‌ନୁ ଆଏଜ୍ ଲୁକ୍‌କର୍ ଗହଲି ବଢ଼ିଛେ । ଉପର୍‌ବେଲା ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ହେବାର୍‌ତକ୍ ଯାତ୍ରା ଚାଲ୍‌ବା । ମହାଆଲ୍‌ତୀ ଉତ୍‌ରୁ ଦେବଦମ୍ପତି ମନ୍ଦିର୍ ପ୍ରବେଶ୍ କର୍‌ବେ । ଶାନ୍ତିଶୃଙ୍ଖଲା ଲାଗି ସହରର୍ ଭିନ୍ ଭିନ୍ ଜାଗା ନ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ ।

ଶୀତଲଷଷ୍ଠୀ- ଆକାଶ୍‌ବାଣୀ ଧାରା ବିବରଣୀ/ଆର୍‌ଏନ୍‌ୟୁ ସମ୍ବଲପୁର୍

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ତର୍‌ଫୁ ଆଏଜ୍ ସଖାଲେ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ପ୍ରଚାର୍ କରାଯିବା । ଇ ଧାରା ବିବରଣୀ ସକାଲର୍ ସାଢ଼େ ୯ ବଜେନୁ ୧ ବାଜିକରି ୫୦ ମିନିଟ୍‌ତକ୍ ପ୍ରସାରଣ୍ କରାଯିବା । ଇଟାକେ ଆକାଶ୍‌ବାଣୀ ବଲାଙ୍ଗିର୍,

ଭବାନୀପାଟ୍‌ନା ଆର୍ ରାଉର୍‌କେଲା କେନ୍ଦ୍ର ଏକାସାଙ୍ଗେ ରିଲେ କର୍‌ବେ । ଇତାର୍‌ସହେତେ ଯାତ୍ରାର୍ ବିବରଣୀ ଦୂର୍‌ଦର୍ଶନ୍ କେନ୍ଦ୍ର ତର୍‌ଫୁ ଭିଲ୍ ପ୍ରସାରଣ୍ କରାଯିବାର୍ ବ୍ୟବସ୍ଥା କରାଯାଇଛେ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଠାନେ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଅଭିଯୋଗ୍ ଶୁଣାଣି ତାରିଖ୍ ସାଧାରଣ୍ ଲୁକ୍‌କୁ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ-କଳିଙ୍ଗ ଷ୍ଟୁଡ଼ିଓ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ଥିବା କଳିଙ୍ଗ ଷ୍ଟୁଡ଼ିଓ ବୁଲି ଦେଖିକରି ଇତାକେ ଅତ୍ୟାଧୁନିକ୍ ଷ୍ଟୁଡ଼ିଓ ଭାବେ ବିକଶିତ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ଇଥିର୍‌ଲାଗି ଡିପିଆର୍ ବନାବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍ ଆଘୋନୁ ଷ୍ଟୁଡ଼ିଓର୍ ଉନ୍ନତି ଲାଗି ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନ୍‌କୁ କହିଥିଲେ ।

କରୋନା ଆର୍‌ଏନ୍‌ୟୁ/ କଟକ୍

ରାଏଜେ କରୋନା ଆକ୍ରାନ୍ତଙ୍କର୍ ସଂଖ୍ୟା ୧୨ କେ ବଢ଼ିଛେ । ସ୍ୱାସ୍ଥ୍ୟ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ସବୁ କୋଭିଡ୍ ଆକ୍ରାନ୍ତଙ୍କୁ ସଙ୍ଗରୋଧଥି ରଖାଯାଇଛେ । ଭୁବ୍‌ନେଶ୍ୱର୍ ଆଉ କଟକ୍ ନ ସବୁନୁ ଅଏତ୍‌କା କରୋନା ଆକ୍ରାନ୍ତ ଚିହ୍ନଟ୍ ହେଇଛନ୍ । ଏବ୍‌ତକ୍ କରୋନା ଆକ୍ରାନ୍ତଙ୍କର୍ ମୃତ୍ୟୁ ଖବର୍ ସାମ୍ନାକେ ନାଇଁ ଆସି । ହେଲେଭିଲ୍ ଥିତି ଉପ୍‌ରେ ସ୍ୱାସ୍ଥ୍ୟ ବିଭାଗ୍ ପୁରା ନଜର୍ ରଖିଛେ ଆଉ ଲୁକ୍‌କୁ ସତର୍କ ରହେବାର୍‌କେ ପରାମର୍ଶ ଦିଆଯାଉଛେ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର୍ ନୀଳକଣ୍ଠ ମିଶ୍ର କହିଛନ୍ ।

ଖୋର୍ଦ୍ଧା - ବଲାଙ୍ଗିର୍- ସୁଡୁଙ୍ଗ ପି.ଆଇ.ବି.

ଖୋର୍ଦ୍ଧା - ବଲାଙ୍ଗିର୍ ରେଲ୍‌ପ୍ରକଳ୍ପ କାମ୍‌କେ ବଡ଼ ସଫଲତା ମିଲିଛେ । ପ୍ରକଳ୍ପଥି ୨ ନମ୍ବର୍ ସୁଡୁଙ୍ଗ କୁଡ଼୍‌ବାର୍ କାମ୍ ଶେଷ୍ ହେବାର୍ ସହେତେ ସବୁ ଜାକ ୭ ଟା ସୁଡୁଙ୍ଗ କୁଡ଼୍‌ବାର୍ କାମ୍ ସଫଲତାର୍ ସଙ୍ଗେ ସରିଛେ । ୧ ହଜାର୍ ୭ ଶହ ୭୫ ମିଟର୍ ଲମ୍ବା ୨ ନମ୍ବର୍ ସୁଡୁଙ୍ଗ ନୟାଗଡ଼୍ ଜିଲ୍ଲାର୍ ଦଶ୍‌ପଲ୍ଲା ଆଉ ବୁଗୁଡ଼ା ଭିତ୍‌ରେ କୁଡ଼ାଯାଇଛେ । ଇ ସୁଡୁଙ୍ଗ୍ ଖୋର୍ଦ୍ଧା-

ବଲାଙ୍ଗିର୍ ରେଲ୍‌ପ୍ରକଳ୍ପର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ଅଂଶ ଆଏ ବଲି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

୯, ୧୦ କ୍ଲାସ୍ ପରୀକ୍ଷା ପ୍ରଶ୍ନପତ୍ର ଢାଂଚା  ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫-୨୬ ଶିକ୍ଷା ବଛର୍ ଲାଗି ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ୯ ଆର୍ ୧୦ କ୍ଲାସ୍ ପରୀକ୍ଷା ଲାଗି ପ୍ରଶ୍ନପତ୍ର ଢାଂଚା ଜାରି କରାଯାଇଛେ । ଇଥି ହାଇସ୍କୁଲ୍ ପାଠ୍ୟକ୍ରମ୍‌ଥି କେନ୍‌ସି ପରିବର୍ତନ୍ ନାଇଁ କରାଯାଇ । ୨୦୨୬ ଥି ୯ ଆର୍ ୧୦ କ୍ଲାସ୍ ବାର୍ଷିକ୍ ପରୀକ୍ଷାଥି ଛାତ୍ରଛାତ୍ରୀ ଆଘର୍ ବାଗିର୍ ପ୍ରଶ୍ନପତ୍ର ଢାଂଚାଥି ପରୀକ୍ଷା ଦେବେ ।

ବିକଶିତ କୃଷି ସଂକଳ୍ପ ଅଭିଯାନ୍-ରିଆମାଲ୍/ଆର୍‌ଏନ୍‌ୟୁ ସମ୍ବଲପୁର

ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ କଲ୍ୟାଣ୍ ମଣ୍ଡପ୍ ଠାନେ ଜିଲ୍ଲା କୃଷି ବିଭାଗ୍ ତର୍‌ଫୁ ବିକଶିତ କୃଷି ସଂକଳ୍ପ ଅଭିଯାନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଚାଷୀମାନ୍‌କୁ ଚାଷ୍‌ବାସ୍‌ଥି ନୂଆଁ ପ୍ରଯୁକ୍ତି ଆଉ ସର୍‌କାରୀ ଯୋଜ୍‌ନା ବାବ୍‌ଦେ ସୂଚ୍‌ନା ଦିଆଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବୀରେନ୍ ଛୁରିଆଙ୍କର୍ ସହେତେ କୃଷି ବୈଜ୍ଞାନିକ୍‌ମାନେ

ଯୋଗ୍ ଦେଇକରି ଚାଷୀମାନ୍କର୍ ସାଙ୍ଗେ ଚାଷ୍ ସମସ୍ୟା ବାବ୍ଦେ ଆଲୋଚନା କରାଯାଇଥିଲା ।

ସିଏମ୍ ଟ୍ରଫି ଫୁଟ୍ବଲ୍ I&PR

ସମ୍ବଲପୁର୍ ଭିଏସ୍ଏସ୍ ଷ୍ଟାଡ଼ିୟମ୍ ନ ଚାଲିଥିବା ସିଏମ୍ ଟ୍ରଫି ଫୁଟ୍ବଲ୍ ଟୁର୍ଣ୍ଣାମେଂଟ୍ ସମ୍ବଲ୍ପୁର୍ ଜୋନ୍ର ଖେଲ୍ଥି ଗଲାକାଏଲ୍ ବଲାଙ୍ଗିର୍ ଆଉ ସମ୍ବଲ୍ପୁର୍ ଦଲ୍ ଧାରିଜ୍ ସମିଆ ଭିତ୍ରେ କିହେ କାହାକେ ଗୋଲ୍ ଦେଇନାଇଁପାର୍ବାର୍ନୁ ମେଚ୍ ଡ୍ର ହେଇଥିଲା । ୨ ନମ୍ବର୍ ମେଚ୍ଥି ଝାର୍ସୁଗୁଡ଼ା ୧୧/୧ ଗୋଲ୍ଥି ନୂଆପଡ଼ାକେ ହରେଇଛେ । ଗଲାକାଲିର୍ ମେଚ୍ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ମୁଖିଆ ଅତିଥି ଭାବେ ଯୋଗ୍ ଦେଇକରି ଖେଲାଲିମାନ୍କୁ ତହଁକେଇଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ରାଜ୍ୟର୍ କେତେଟା ଜାଗା ନ ଘଡ୍ଘଡ଼ି ସହେତେ ବର୍ଷା ହେଇପାରେ । କଲାହାଣ୍ଡି, ରାୟଗଡ଼ା ସହେତେ ୮ ଟା ଜିଲ୍ଲାକେ

ଘଡ଼୍ଘଡ଼ି ସହେବେ ବର୍ଷା ନେଇକରି ପାଣିପାଗ୍ କେନ୍ଦ୍ର ସତର୍କ ସୂଚ୍ନା ଜାରି କରାଯାଇଛେ ।